## Case Studies

### ପତର ପରି ହେଲେ ହସିବେ ନର, ପଥର ପରି ହେଲେ କରିବ ଘର



କଥାରେ ଅଛି ପତର ପରି ହେଲେ ହସିବେ ନର, ପଥର ପରିହେଲେ କରିବ ଘର । ଟିକେ ଟିକେ କଥାରେ ତ ଘର ଭାଙ୍ଗି ଯାଇଥାଏ । ବିବାହ ଏକ ଏମିତି ବନ୍ଧନ ଯାହାଦ୍ଵାରା ଦୁଇଟି ଅଜଣା ଆତ୍ମାକୁ ଏକକ କରିଥାଏ । ତେଣୁ ତ୍ୟାଗ ବଳରେ ହିଁ ତାହା ସାଫଲ୍ୟ ମଣ୍ଡିତ ହୋଇଥାଏ । ଯଦି ସେହି ସମ୍ପର୍କ ଭିତରେ ତ୍ୟାଗ, ଭଲପାଇବା, ସ୍ନେହ, ମମତା, ବିଶ୍ଵାସ ର ଅଭାବ ରହିଲା, ତେବେ ସେହି ସମୟରେ ଆମ ହସ ଖୁସିର ସଂସାର ଭାଙ୍ଗି ଚୁର୍ମାର୍ ହୋଇ ଯାଇଥାଏ । ବିବାହ ଏକ ଖେଳଘର ନୁହେଁ, ଏହା ଜନ୍ମ ଜନ୍ମାନ୍ତର ର ପବିତ୍ର ବନ୍ଧନ । ସେହି ବନ୍ଧନକୁ



ସୁଚାରୁ ରୂପେ ବାନ୍ଧି ରଖିବାକୁ ହେଲେ ଉଭୟ ପୁରୁଷ ଓ ନାରୀର ପୂର୍ଣ୍ଣ ଆବଶ୍ୟକତା ରହିଥାଏ । ବିବାହ ପରେ ନାରୀ ପାଲଟି ଯାଏ କାହାର ସ୍ତ୍ରୀ, ତା ପରେ ବେଶ୍ ଖୁସିରେ ଦିନ ଗୁଡ଼ିକ ବିତି ଚାଲିଥାଏ । ଦେଖିବାକୁ ଗଲେ ପ୍ରତ୍ୟେକ ସାମାଜରେ କିଛି ନିୟମାବଳୀ ଥାଏ । ଯଥା ବିବାହ ପରେ କ୍ଵାଇଁ ଡାକରା/କ୍ଵାଇଁ ବାହୁଡ଼ା ଏକ ସାଧାରଣ ପାରିବାରିକ ପରମ୍ପରା ।

ଏଇ ପରମ୍ପରା ନାମରେ ଏକ ଅଭାବନୀୟ ଘଟଣା ପରିବାର ପରାମର୍ଶ କେନ୍ଦ୍ର "ତଦାଶା" କେନ୍ଦୁଝର ରେ ଉପସ୍ଥାପନା କରାଯାଇଥିଲା । ୧ମ ପକ୍ଷ (ଆକାଶ)ଙ୍କ ସହ ଆଲୋଚନାରୁ କେନ୍ଦ୍ର ଜାଣିବାକୁ ପାଇଲା ଯେ ବିଭାଘରର ଗୋଟିଏ ମାସପରେ ଆକାଶଙ୍କୁ କ୍ଵାଇଁ ବାହୁଡ଼ା ଡାକରା ଆସିଲା । ଆକାଶ ଖୁସି ମନରେ ଶ୍ଵଶୁର ଘରକୁ କ୍ଵାଇଁ ବାହୁଡ଼ା ଯାଇଥିଲେ, କିନ୍ତୁ ତାଙ୍କ ମତାନୁସାରେ ତାଙ୍କ ଶାଶୁ ତାଙ୍କୁ ଏପରି କିଛି କହିଲେ ଯାହା ଫଳରେ ଆକାଶ ଙ୍କ ମନଭିତରେ ତାହା ଆଘାତ ଦେଇଥିଲା । ଶ୍ଵଶୁର ଘରେ ଦୁଇଦିନ ରହି ଆକାଶ ନିଜ ଘରକୁ ସ୍ତ୍ରୀ ସହ ଫେରି ଆସିଥିଲେ । କିନ୍ତୁ ଶାଶୁଙ୍କର କଥାକୁ ନେଇ ଧିରେ ଧିରେ ତାଙ୍କ ମାନସିକ ସ୍ଥିତି ବିଗିଡ଼ିବାକୁ ଲାଗିଲା । ଏଭଳିକି ଘର ଭିତରେ ସେ ବିଭିନ୍ନ ପ୍ରକାର ଅଘଟଣ ମାନ ଘଟାଇବାକୁ ଲାଗିଲେ । ସ୍ତ୍ରୀ କୁ ପିଟିବା, ମା' ଙ୍କୁ ପିଟିବା, ସବୁ ସମୟରେ ରାଗିବା, ଘରର ଆସବାବ ପତ୍ରକୁ ଭାଙ୍ଗିବା, ଫୋପାଡ଼ିବା ଇତ୍ୟାଦି ଘଟଣା ଘଟାଇବାକୁ ଲାଗିଲେ । ଏହା ପରେ ମାନସିକ ସ୍ଥିତି କୁ ଭଲ କରିବାପାଇଁ ଆକାଶ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ଏବଂ ସୁସ୍ଥ ହୋଇମଧ ଘରକୁ ଫେରିଥିଲେ । ଏହାପରେ ସେ ବେଶ୍ ହସ ଖୁସିରେ ପରିବାରରେ ସ୍ତ୍ରୀ ସହିତ ଚଳିଆସୁଥିଲେ । ଏଥିମଧ୍ୟରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ନେଇଥିଲା । ଏମିତି ଦୁଇ ବର୍ଷ ବିତିଗଲା ପରେ ୨ୟ ପକ୍ଷ (ମିରା)

ପୂନର୍ବାର ଗର୍ଭବତୀ ହୋଇଥିଲେ । ସେହି ସମୟରେ ଆକାଶଙ୍କର ଦେଖାଦେଇଥିଲା ମାନସିକ ଯନ୍ତ୍ରଣା । ପୁନର୍ବାର ସେ ସ୍ତ୍ରୀ ଓ ପରିବାରଙ୍କ ଉପରେ ଶାରିରୀକ ନିର୍ଯ୍ୟାତନା ଆରମ୍ଭ କରିଦେଲେ ।

ମିରା ଏହା ସହ୍ୟ କରିନପାରି ବାପଘରକୁ ଚାଲି ଯାଇଥିଲେ । ଆକାଶର ଏହି ପରିସ୍ଥିତିରେ ମିରା ଛାଡ଼ିଯିବା ଆକାଶ ପାଇଁ ମାନସିକ ସ୍ଥିତି ଅଧିକ ଖରାପ ହେବାକୁ ଲାଗିଲା । କିଛିଦିନ ପରେ ମିରା ବାପଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ରାଗ ଓ ଅଭିମାନରେ ଆକାଶ ଓ ତାଙ୍କଘର ଲୋକ ପୁଅକୁ ଦେଖିବା ପାଇଁ ମଧ୍ୟ ଯାଇନଥିଲେ । ଏହିସବୁ ଘଟଣାକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ବିରାଟବଡ଼ ସମସ୍ୟା ଦେଖା ଦେଇଥିଲା ।

ସେହି ସମସ୍ୟା ର ସମାଧାନ ପାଇଁ ଆକାଶ ପରିବାର ପରାମର୍ଶ କେନ୍ଦ୍ର "ତଦାଶା" ରେ ଉପସ୍ଥିତ ହୋଇଥିଲେ । କେନ୍ଦ୍ର ତାଙ୍କସହ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ଜାଣିବାକୁ ପାଇଲା, ଏହି ଘଟଣାଟି ସମ୍ପୂର୍ଣ୍ଣ ସତ୍ୟାସତ୍ୟ ନୁହେଁ । ଯା ଭିତରେ କିଛି ଘଟଣା ଲୁଚି ରହିଥିଲା ଯାହାକୁ କେନ୍ଦ୍ର ଆକାଶ ନିକଟରୁ ଆଲୋଚନା ମାଧ୍ୟମରେ ଜାଣିବାକୁ ପାଇଥିଲା ଏବଂ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ପଦକ୍ଷେପ ନେଇଥିଲା । ଏହାପରେ ଦୁଇ ପରିବାରଙ୍କୁ କେନ୍ଦ୍ରକୁ ଡକାଇ ଆଲୋଚନା ମାଧ୍ୟମରେ ତାଙ୍କର ପ୍ରକୃତ ସମସ୍ୟାକୁ ଜାଣି ପାରିଥିଲା

ମିରା ଅତି ଛୋଟ ଛୋଟ କଥାକୁ ବାପା ମା' ଙ୍କୁ ଫୋନ ମାଧ୍ୟମରେ ଜଣାଇ ବ୍ୟସ୍ତ କରାଇବା ଯୋଗୁ ବାପଘର ଆସି ଶ୍ୱଶୁର ଘର ଘରୋଇ କଥା ଉପରେ ମୁଣ୍ଡ ପୁରାଇବା ଫଳରେ ସ୍ୱାମି ସ୍ତ୍ରୀ ଙ୍କ ମଧ୍ୟରେ ଥିବା ଦୁରତ୍ୱ ଅଧିକ ବଢି ଯାଇଥିଲା ।

ମିରାର ଶ୍ୱଶୁର ଘରେ ତାଙ୍କ ଶାଶୁ ତାଙ୍କୁ ପାରିବାରିକ ସହଯୋଗ ନଦେବାରୁ ଧର୍ଯ୍ୟହରା ହୋଇ ବାପଘରକୁ ଚାଲିଯିବା ଏବଂ ଆକାଶ ର ଶରୀର ଅସୁସ୍ଥ ସମୟରେ ମିରା ର ଅନୁପସ୍ଥିତ ଆକାଶ ର ହୃଦୟକୁ ଆଘାତ ଦେଇଥିଲା ।

ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଉଭୟ ପକ୍ଷଙ୍କ ସହ ଆଲୋଚନା କରି ସେମାନଙ୍କର ତୃଟିକୁ ତାଙ୍କ ସମ୍ମୁଖରେ ଦର୍ଶାଇଥିଲେ ଏବଂ ସମାଧାନପାଇଁ କିଛି ପରାମର୍ଶ ଦେଇଥିଲେ ।

- କୌଣସି ବ୍ୟକ୍ତି ପୁର୍ବ କଥାକୁ ଦୋହରାଇ ଘରେ ଅଶାନ୍ତି ସୃଷ୍ଟି କରିବେ ନାହିଁ ।
- ଆକାଶ ମିରାଙ୍କୁ କୌଣସି ପ୍ରକାର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବେନାହିଁ ।
- ମିରାକୌଣସି ସ୍ଥାନକୁ ଗଲେ ଶାଶୁ ଶ୍ୱଶୁରଙ୍କୁ ଜଣାଇବେ ।
- ଆକାଶ ଚିକିତ୍ସା ନିମନ୍ତେ ଡାକ୍ତରଖାନା ଗଲେ ସାଙ୍ଗରେ ଘରର କୌଣସି ସଦସ୍ୟ ନେଇକରି ଯିବେ ।
- ମିରା ବୋହୁ ହିସାବରେ ନିଜର କ ର୍ବ୍ୟ କରିବେ ।

ଉପରୋକ୍ତ ପରାମର୍ଶକୁ ପାଳନ କରିବେ ବୋଲି ଏକମତହୋଇ ଏକାଠି ହୋଇ ଘରକୁ ଗଲେ । ପରାମର୍ଶଦାତ୍ରୀ ପ୍ରତି ମାସରେ ଟେଲିଫୋନ୍ ଯୋଗେ ସେମାନଙ୍କ ପରିସ୍ଥିତି ଅନୁଧ୍ୟାନ କରନ୍ତି ଏବଂ

ସେମାନଙ୍କ ସମ୍ପର୍କକୁ ନିବିଡ଼ କରିବା ନିମନ୍ତେ କିଛି ପରାମର୍ଶ ଦିଅନ୍ତି । ୩ ମାସ ଅନୁଧ୍ୟାନ କରିବା ପରେ ଜଣାପଡ଼ିଲା ଯେ ପୁର୍ବପରି ସେମାନଙ୍କ ମଧ୍ୟରେ ପାରିବାରିକ ଦ୍ଵନ୍ଦ ନାହିଁ ଏବଂ ଉଭୟେ ଖୁସିରେ ଅଛନ୍ତି ଫଳରେ ଉଭୟଙ୍କ ପରିବାରର ସଦସ୍ୟଙ୍କ ମଧ୍ୟରେ ସ୍ନେହ, ମମତା ଓ ବିଶ୍ୱାସ ସୃଷ୍ଟି ହୋଇଛି । ସର୍ବୋପରି ଭଗବାନଙ୍କ ଆର୍ଶିବାଦ, ଆକାଶ ମିରା ପରିବାରର ବନ୍ଧନକୁ  ସୁଚାରୁ ରୂପେ ବାନ୍ଧି ରଖିବା ର ବିଶ୍ୱାସ, "ପରିବାର ପରାମର୍ଶ କେନ୍ଦ୍ର", ତଦାଶାର ମଧ୍ୟସ୍ଥତା ଓ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଉଭୟପରିବାରର ଙ୍କ ପୁର୍ଣ୍ଣ ଉଦ୍ୟମ ଫଳରେ ଆଜି ଏହିଭଳି ପାରିବାରିକ ସମସ୍ୟାର ସମାଧାନ ହୋଇପାରିଲା ।